କେରଳ ରାଜ୍ୟ ଇତ୍ୟାଦି

ବନାମ

ଗୁରୁଭାୟୁର ଦେବସ୍ୱମ ବିକାଶ ପରିଚାଳନା

ସମିତି ଏବଂ ଅନ୍ୟମାନେ ଇତ୍ୟାଦି

ନଭେମ୍ବର 18,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଗୁରୁଭାୟୁର ଦେବସ୍ୱମ ଅଧିନିୟମ, 1978 :*

*ଧାରା 19–ଗୁରୁଭାୟୁର ଦେବସ୍ୱମ–କିରାଣୀ ନିଯୁକ୍ତି–ପ୍ରଶ୍ନପତ୍ର ପ୍ରଘଟ ଯୋଗୁଁ ଲିଖିତ ପରୀକ୍ଷା ବାତିଲ–ସାକ୍ଷାତକାର ମଣ୍ଡଳୀ ପୁନର୍ଗଠିତ–ପରୀକ୍ଷା ହୋଇଥିବା ଖର୍ଚ୍ଚ ଏବଂ ପରୀକ୍ଷା ସଂକ୍ରାନ୍ତରେ ଗୁରୁବାୟୁର ଦେବସ୍ୱୋମ ପରିଚାଳକଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସେବା ପାଇଁ ପାରିଶ୍ରମିକ ପାଇଁ ଦାବି–ଦର୍ଶାଯାଇଛି, ଖର୍ଚ୍ଚ ହୋଇଥିବା ଅର୍ଥକୁ ସମୀକ୍ଷା କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗର ତର୍ଜମା  କରିବେ ଏବଂ ପରୀକ୍ଷା ପରିଚାଳନା ପାଇଁ ପରିଚାଳକଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ଅର୍ଥକୁ ମଞ୍ଜୁରୀ ଦେବା ପାଇଁ ଉପଯୁକ୍ତ ଆଦେଶ ପାରିତ କରିବେ–ପରିଚାଳକଙ୍କୁ ପାରିଶ୍ରମିକ ସମ୍ବନ୍ଧରେ, ଏହା ଏକ ଅସାଧାରଣ ପରିସ୍ଥିତିରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପ୍ରୟୋଗ କରାଯାଇଥିବା ଏକ ବିବେକାଧିନତାର କାର୍ଯ୍ୟ ହୋଇଥିବାରୁ, ଉଚ୍ଚ ନ୍ୟାୟାଳୟଙ୍କର ହସ୍ତକ୍ଷେପର କୌଣସି ଆବଶ୍ୟକତା ନାହିଁ, କିନ୍ତୁ, ଏହାକୁ ଏକ ଉଦାହରଣ ଭାବରେ ବିବେଚନା କରାଯିବ ନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ସ୍ୱତନ୍ତ୍ର ଅନୁମତି ଆବେଦନ (ସି)  ସଂଖ୍ୟା 21792/1996 ଇତ୍ୟାଦି ।

ସି.ଏମ୍.ପି. ସଂଖ୍ୟା 31054/1995 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କର 2.7.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଭି. ଆର. ରେଡ୍ଡୀ, ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା, ଜି. ପ୍ରକାଶ ଏବଂ ଶ୍ରୀମତୀ ବୀଣା ପ୍ରକାଶ

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏସ୍ ଏଲ୍ ପି (ସି) ସଂଖ୍ୟା. 21792/96:

ଓ.ପି. ସଂଖ୍ୟା 10608/93ର ସିଏମ୍‌ପି ସଂଖ୍ୟା 31034/95ରେ, କେରଳ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠଙ୍କ ଦ୍ୱାରା  ଦିଆଯାଇଥିବା ଜୁଲାଇ 2,1996 ର ଆଦେଶ ବିରୁଦ୍ଧରେ ଦାଖଲ ହୋଇଥିବା ଏହି ସ୍ୱତନ୍ତ୍ର ଅନୁମତି ଆବେଦନରେ ଦୁଇଟି ଅଭିଯୋଗ ଥିଲା, ଯଥା, ଜଣେ ପରିଚାଳକ ଶ୍ରୀଯୁକ୍ତ ରାଘବନଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା 7,10,212 ଟଙ୍କାର ରାଶି ମଞ୍ଜୁରି କରିବା ପାଇଁ ନିର୍ଦ୍ଦେଶ ଏବଂ ପରୀକ୍ଷା ପରିଚାଳନା କରିବାରେ ପରିଚାଳକ ଭାବରେ ରାଘବନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ପାଇଁ 35,000 ଟଙ୍କାର ଆର୍ଥିକ ରାଶି ପ୍ରଦାନ କରିବାର ନିର୍ଦ୍ଦେଶ ଥିଲା ।

ଶ୍ରୀଯୁକ୍ତ ଭି.ଆର୍. ରେଡ୍ଡୀ, ବିଜ୍ଞ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା, ଯୁକ୍ତି ଦର୍ଶାଇଥିଲେ ଯେ, ପରୀକ୍ଷା ପରିଚାଳନା ପାଇଁ ଶ୍ରୀ ରାଘବନଙ୍କ ଦ୍ୱାରା ଖର୍ଚ୍ଚ କରାଯାଇଥିବା 7,10,212 ଟଙ୍କାକୁ ଦେବସ୍ୱମ ସମିତି ଦ୍ୱାରା ସେହି ଉଦ୍ଦେଶ୍ୟରେ ନିର୍ଦ୍ଧାରିତ

ପରିଚାଳନା ପ୍ରକ୍ରିୟା ଅନୁଯାୟୀ ବିଚାର କରାଯିବ ଏବଂ ମଞ୍ଜୁରି ପାଇଁ ନିର୍ଦ୍ଦେଶ ସେହି ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ପରିଚାଳନା ପ୍ରକ୍ରିୟାର ବିପରୀତ ହେବ ଏବଂ ଏହା ହିସାବ ସମୀକ୍ଷା କରିବାରେ ଏବଂ ଶ୍ରୀଯୁକ୍ତ ରାଘବନଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ପରିମାଣ ପାଇଁ ମୂଲ୍ୟପତ୍ର ପାରିତ କରିବାରେ ଅନାବଶ୍ୟକ ଜଟିଳତା ସୃଷ୍ଟି କରିବ । ଶ୍ରୀଯୁକ୍ତ ଭି.ଆର୍. ରେଡ୍ଡୀ ଏହା ମଧ୍ୟ ଆଶ୍ୱାସନା ଦେଇଛନ୍ତି ଯେ, ଯଦି ଆବଶ୍ୟକତା ଏବଂ ନୀତି ଅନୁଯାୟୀ ଖର୍ଚ୍ଚ କରାଯାଇଛି, ତେବେ ସେହି ଉଦ୍ଦେଶ୍ୟରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାକୁ ମଞ୍ଜୁର କରାଯିବ । ଆମକୁ ସେ ସମ୍ପର୍କରେ ବିସ୍ତାର ଭାବରେ ଆଲୋଚନା କରିବାର ଆବଶ୍ୟକତା ନାହିଁ ।  ଏହା କହିବା ଯଥେଷ୍ଟ ଯେ, ଖର୍ଚ୍ଚ ହୋଇଥିବା ଅର୍ଥରାଶି ସମୀକ୍ଷା କରିବା ପାଇଁ ସକ୍ଷମ କର୍ତ୍ତୃପକ୍ଷ ଏହି ବିଷୟକୁ ଅନୁଧ୍ୟାନ କରିବେ ଏବଂ ପରୀକ୍ଷା ପରିଚାଳନାରେ ପରିଚାଳକଙ୍କ ଦ୍ୱାରା ଖର୍ଚ୍ଚ ହୋଇଥିବା ପରିମାଣକୁ ମଞ୍ଜୁର କରି ଉପଯୁକ୍ତ ଆଦେଶ ପାରିତ କରିବେ ।

ଦ୍ୱିତୀୟ ବିଷୟ, ଯଥା, ରାଘବନଙ୍କ ଦ୍ୱାରା କରାଯାଇଥିବା ଦୃଷ୍ଟାନ୍ତମୂଳକ କାର୍ଯ୍ୟ ପାଇଁ 35,000 ଟଙ୍କା ଆର୍ଥିକ ଦେୟ ପ୍ରଦାନ କରିବାର ନିର୍ଦ୍ଦେଶ ସମ୍ବନ୍ଧରେ, ଆମେ ଅନୁଭବ କରୁ ଯେ, ଉଚ୍ଚ ନ୍ୟାୟାଳୟ ରାଘବନଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ପ୍ରଶଂସା ସହିତ ଉକ୍ତ ପରିମାଣର ଦେୟ ନିର୍ଦ୍ଦେଶ ଦେବାକୁ ଆବଶ୍ୟକ ବୋଲି ଜାଣିବାକୁ ପାଇଥିଲେ । ଏହା ଏକ ଅସାଧାରଣ ପରିସ୍ଥିତିରେ ପ୍ରୟୋଗ କରାଯାଇଥିବା ଏକ ବିବେକାଧିନତା ହୋଇଥିବାରୁ, ବୋଧହୁଏ, ଆମେ ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ପ୍ରବୃତ୍ତ ହେବୁ ନାହିଁ । କିନ୍ତୁ ଆମେ ଏହା ସ୍ପଷ୍ଟ କରୁଛୁ ଯେ, ପ୍ରତ୍ୟେକ ମାମଲାରେ ଯେଉଁଠାରେ କର୍ମାନ୍ତର ପ୍ରେରଣରେ ଥିବା ଜଣେ ଅଧିକାରୀ ନ୍ୟାୟାଳୟଙ୍କର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରନ୍ତି ସେଠାରେ ଏହାକୁ ଏକ ପୂର୍ବ ଦୃଷ୍ଟାନ୍ତ ଭାବରେ ବିବେଚନା କରାଯିବ ନାହିଁ; ସେ ସାଧାରଣ ସେବା ଏବଂ ସେହି ସେବା କରିବା ପାଇଁ ପ୍ରାପ୍ତ ଦରମା ବ୍ୟତୀତ ଆର୍ଥିକ ବିଚାର ପାଇଁ ମଧ୍ୟ ହକଦାର ହେବେ । ଆମେ ଏହି ନିଷ୍ପତ୍ତି ଏହି କାରଣରୁ ନେଉଛୁ ଯେ, ସମ୍ଭବତଃ ଅଧିକାରୀ ସେବା ପ୍ରଦାନ କରିବାରେ ଦେୟ ପାଇଁ ଏପରି ନିର୍ଦ୍ଦେଶ ପାଇଁ ଅନୁରୋଧ କରିନଥିଲେ ଏବଂ ତାଙ୍କୁ କୌଣସି ବିଜ୍ଞପ୍ତି ଜାରି କରିବା ତାଙ୍କୁ ଅସୁବିଧା ପରିସ୍ଥିତିରେ ପକାଇବ ଏବଂ ଯେତେବେଳେ ମାମଲାଟି ବିଜ୍ଞପ୍ତି ମାଧ୍ୟମରେ ଜାରି କରାଯାଏ, ସେତେବେଳେ ନ୍ୟାୟାଳୟ ମଧ୍ୟ କିଛି କହିବାର ସ୍ଥିତିରେ ରହିବେ ନାହିଁ । ଏହି ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟାଳୟଙ୍କର ଖଣ୍ଡପୀଠଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ଇଚ୍ଛୁକ ନୁହେଁ ।

ତଦନୁସାରେ ଉପରୋକ୍ତ ପର୍ଯ୍ୟବେକ୍ଷଣ ସହିତ ଆବେଦନକୁ ଆଦେଶ ଦିଆଯାଇଛି ।

ଏସ୍ ଏଲ୍ ପି (ସି) ସଂଖ୍ୟା 23650/96 (ସିସି-5486/96)ରେ:

ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରିବାକୁ ଅନୁମତି ପ୍ରଦାନ କରାଯାଇଛି ।

ଏହି ପ୍ରସଙ୍ଗରେ, ଆବେଦନକାରୀ ଉପରୋକ୍ତ ଆଦେଶରେ ଖଣ୍ଡପୀଠ ଦ୍ୱାରା କରାଯାଇଥିବା ପର୍ଯ୍ୟବେକ୍ଷଣରେ ବ୍ୟଥିତ ଅଛନ୍ତି । ଆବେଦନକାରୀ ଦର୍ଶାଇଛନ୍ତି ଯେ, *ଗୁରୁଭାୟୁର ଦେବସ୍ୱମ ପରିଚାଳନା ସମିତି ବନାମ ଅଧକ୍ଷ, ଗୁରୁଭାୟୁର* ଦେବସ୍ୱମ ପରିଚାଳନା ସମିତି *ଏବଂ ଅନ୍ୟମାନେ,* [1996] 7 SCC 505 ରେ ଏହି ନ୍ୟାୟାଳୟ ଆବେଦନକାରୀଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଛନ୍ତି ଏବଂ ତେଣୁ, ଦିଆଯାଇଥିବା ପର୍ଯ୍ୟବେକ୍ଷଣ ଯୁକ୍ତିଯୁକ୍ତ କିମ୍ବା ଆବଶ୍ୟକ ନୁହେଁ । ସେହି ପର୍ଯ୍ୟବେକ୍ଷଣଗୁଡ଼ିକ ତାଙ୍କୁ କୌଣସି ସୂଚନା ନଦେଇ କିମ୍ବା ତାଙ୍କ କଥା ନ ଶୁଣି ହିଁ କରାଯାଇଥିଲା । ଆମକୁ ଏହି ପ୍ରସଙ୍ଗରେ ଆଗକୁ ବଢ଼ିବାର ଆବଶ୍ୟକତା ନାହିଁ । ଆବେଦନକାରୀଙ୍କ ପାଖରେ ଉକ୍ତ ମନ୍ତବ୍ୟକୁ ଉଠାଇ ଦେବା ପାଇଁ

ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ କରିବାକୁ ଉନ୍ମୁକ୍ତ ରହିବ ଏବଂ ଉଚ୍ଚ ନ୍ୟାୟାଳୟ ସେହି ଅନୁଯାୟୀ ଏହାର ବିଚାର କରିବେ ।

ତଦନୁସାରେ, ଆବେଦନକୁ ଉପରୋକ୍ତ ସ୍ୱାଧୀନତା ସହିତ ଖାରଜ କରାଯାଇଛି ।

ଆର୍.ପି. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

**ଅନୁବାଦିକା :**
ସସ୍ମିତା ନାଏକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ